## ସଂକ୍ଷେପରେ

### ରାୟଗଡ଼ା ଜିଲ୍ଲାରୁ ଆଉ ୧୬୫ ପଜିଟିଭ

ରାୟଗଡ଼ା ଅଫିସ,୨୯।୫- ରାୟଗଡ଼ା ଜିଲ୍ଲାରୁ ଶନିବାର ୧୬୫ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ରାୟଗଡ଼ା ସହରାଞ୍ଚଳରୁ ସର୍ବାଧିକ ୨୯ଜଣ ରହିଛନ୍ତି। ସେହିପରି ମୁନିଗୁଡ଼ାରୁ ବ୍ଲକ୍ ଅଞ୍ଚଳରୁ ୨୬, କୋଲନରାରୁ ୨୦, ରାୟଗଡ଼ା ଗ୍ରାମାଞ୍ଚଳରୁ ୧୭, ପଦ୍ମପୁରରୁ ୧୬, କାଶୀପୁରରୁ ୧୩, କଲ୍ୟାଣସିଂହପୁରରୁ ୧୧, ବିଷମକଟକରୁ ୯, ଗୁଣପୁର ଗ୍ରାମାଞ୍ଚଳରୁ ୮, ରାମନାଗୁଡ଼ାରୁ ୮, ଗୁଡାରିରୁ ୪ ଏବଂ ଗୁଣପୁର ସହରାଞ୍ଚଳରୁ ୪ ଜଣ ରହିଛନ୍ତି। ସେହିପରି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୯୬ରେ ପହଞ୍ଚିଛି। ଏହାକୁ ମିଶାଇ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୫୩୨୯ରେ ପହଞ୍ଚିଛି। ସେଥିମଧ୍ୟରୁ ୧୫୪୬ ସକ୍ରିୟ ସଂକ୍ରମିତ ରହିଛନ୍ତି।

### କୋଭିଡ୍ ହସ୍ପିଟାଲକୁ ରୋଟାରି କ୍ଲବ ଦେଲା ଅକ୍ସିଜେନ ସିଲିଣ୍ଡର



ଜୟପୁର,୨୯।୫ (ନି.ପ୍ର.)-କରୋନା ମହାମାରୀ ଉଗ୍ର ରୂପ ଧାରଣ କରୁଥିବା ବେଳେ କେତେକ କ୍ଷେତ୍ରରେ ରୋଗୀଙ୍କ ପାଇଁ ଅକ୍ସିଜେନର ଅଭାବ ପଡୁଛି। ଏହାକୁ ଦୃଷ୍ଟିରେ ରଖି ସହାୟତା କରିବାକୁ ଆଗେଇ ଆସିଛି ଜୟପୁର ରୋଟାରି କ୍ଲବ । ଶନିବାର ରୋଟାରି କ୍ଲବ ପକ୍ଷରୁ ଜୟପୁର ଜିଲା କୋଭିଡ୍ ହସ୍ପିଟାଲକୁ ୧୧ଟି ଅକ୍ସିଜେନ ସିଲିଣ୍ଡର ପ୍ରଦାନ କରାଯାଇଛି । କ୍ଲବ ସଭାପତି ଜିଭି ରାଓ, ସମ୍ପାଦକ ଜ୍ୟୋତି ପ୍ରକାଶ ଭୋଇ, ସଭ୍ୟ ଅଶିଷ ଅଗ୍ରୱାଲ ଏହି ସିଲିଣ୍ଡର ପ୍ରଦାନ କରିଥିଲେ। ଏହି ଅବସରରେ କୋରାପୁଟ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଚିନ୍ମୟ କୁମାର ଜେନା, ହସ୍ପିଟାଲ ମ୍ୟାନେଜର ସୌରଜିତ ଅଗସ୍ତି, କୋଭିଡ୍ ହସ୍ପିଟାଲର ମେଡିକାଲ ଅଫିସର ଡାକ୍ତର ଅଶିଷ କୁମାର ପାଣିଗ୍ରାହୀ, ଷ୍ଟୋର ଇନ୍‌ଚାର୍ଜ ସୁପ୍ରକାଶ ଜାନି ଉପସ୍ଥିତ ଥିଲେ। ରୋଟାରି କ୍ଲବର ଏତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ଚିତ୍ରକୋଣ୍ଡାରେ ଫାୟାର ଷ୍ଟେଶନ ପ୍ରତିଷ୍ଠା ଦାବି

ଚିତ୍ରକୋଣ୍ଡା,୨୯।୫(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ୧୮ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତ ନଦୀନାଳ ଓ ପର୍ବତଘେରା ପରିବେଶରେ ରହିଛି। ଚିତ୍ରକୋଣ୍ଡା ଅଞ୍ଚଳରେ ପ୍ରତିବର୍ଷ ଡଙ୍ଗାବୁଡ଼ି ପରି ଘଟଣା ଘଟି ବହୁ ଜୀବନହାନି ହେଉଛି। ଏପରି ସ୍ଥଳେ ୩ ବର୍ଷ ହେଲା ବ୍ଲକର ମାନ୍ୟତା ପାଇଥିବା ଚିତ୍ରକୋଣ୍ଡା ବ୍ଲକରେ ଦୁର୍ଘଟଣାର ତ୍ୱରିତ ମୁକାବିଲା ପାଇଁ ଏକ ଫାୟାର ଷ୍ଟେଶନ କାର୍ଯ୍ୟାଳୟ ପ୍ରତିଷ୍ଠା ଅପରିହାର୍ଯ୍ୟ ହୋଇପଡ଼ିଛି। ଏନେଇ ପ୍ରଶାସନ ନିକଟରେ ବିଭିନ୍ନ ସମୟରେ ଦାବି ହୋଇଛି। କୌଣସି ଡଙ୍ଗାବୁଡି ଅବା ଅଗ୍ନିକାଣ୍ଡଜନିତ ଦୁର୍ଘଟଣା ଘଟିଲେ ମାଲକାନଗିରି, ଗୁମା କିମ୍ବା ମାଥିଲିରୁ ୮୦ କିଲୋମିଟର ଅତିକ୍ରମ କରି ଅଗ୍ନିଶମ ଗାଡ଼ି ଏଠାରେ ପହଞ୍ଚିବା ବେଳକୁ କ୍ଷୟକ୍ଷତି ବହୁ ଅଧିକ ହୋଇଯାଇଥାଏ। ଅନେକ ଜୀବନ ଅକାଳରେ ଝଡ଼ିପଡ଼େ। କେତେକ ପରିବାର ଭୁଶୁଡିପଡେ। ଏହାକୁ ବିଚାରକୁ ନେଇ ଜିଲା ପ୍ରଶାସନ ଚିତ୍ରକୋଣ୍ଡାରେ ଏକ ଫାୟାର ଷ୍ଟେଶନ କାର୍ଯ୍ୟାଳୟ ଖୋଲିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାଁରେ ଜନଗହଳି, ଭୋଜିଭାତ କରନ୍ତୁ ନାହିଁ

## ଅଧିକାରୀ, ସରପଞ୍ଚ ଓ ବିଡିଓଙ୍କ ସହ ଜିଲାପାଳଙ୍କ ଆଲୋଚନା

ନବରଙ୍ଗପୁର, ୨୯।୫ (ବି.ପ୍ର.)

ନବରଙ୍ଗପୁର ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଦର, ନନ୍ଦାହାଣ୍ଡି, ତେନ୍ତୁଲିଖୁଣ୍ଟି ଓ ପାପଡ଼ାହାଣ୍ଡି ବିଡିଓ, ସରପଞ୍ଚ ଏବଂ ଜିଲା ନୋଡାଲ ଅଧିକାରୀମାନଙ୍କୁ ନେଇ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ କରୋନା ସମୟରେ ସରପଞ୍ଚମାନଙ୍କ ଚେଷ୍ଟା ଏବଂ ବଳିଷ୍ଠ ନେତୃତ୍ୱ ଯୋଗୁ ଜିଲାରେ ଏହାର ପ୍ରଭାବ ବିଶେଷ ନ ଥିଲା। ଦ୍ୱିତୀୟ ଲହରରେ ସଂକ୍ରମଣ ବଢୁଛି। ଏହାକୁ ହରାଇବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା ବୋଲି ଜିଲାପାଳ କହିଥିଲେ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ମାର୍ଗଦର୍ଶିକା ଏବଂ ଉପଦେଶକୁ କଡ଼ାକଡ଼ି ପାଳନ କରିବାକୁ ସେ ଅନୁରୋଧ କରିଥିଲେ।

ପ୍ରତିଦିନ ରାତି ୮ଟାରେ ସେହିଦିନର ସଂକ୍ରମିତ ସଂଖ୍ୟାକୁ ତାଲିକାଭୁକ୍ତ କରି କଣ୍ଟେନମେଣ୍ଟ ଜୋନ୍ କରିବାକୁ ବ୍ୟବସ୍ଥା କରାଯାଉଛି। କଡ଼ାକଡ଼ିଭାବେ ତାହାକୁ ପାଳନ କରିବାକୁ ସେ ପରାମର୍ଶ ଦେଇଥିଲେ। କ୍ଲଷ୍ଟର ଟିଏମ୍‌ସିରେ ଯେଉଁମାନେ ସଂକ୍ରମିତ ହେଉଛନ୍ତି, ସେମାନଙ୍କୁ ସିସିସିରେ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଆବଶ୍ୟକସ୍ଥଳେ ଗୁରୁତରଙ୍କୁ ଜିଲା କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର ସହ ଚିକିତ୍ସା କରାଯାଉଛି ବୋଲି ଜିଲାପାଳ ସରପଞ୍ଚମାନଙ୍କୁ ଅବଗତ କରିଥିଲେ। ଜିଲା କୋଭିଡ୍ ହସ୍ପିଟାଲରେ ଆଇସିୟୁ ଏବଂ ଭେଣ୍ଟିଲେଟର ସ୍ଥାପନା ହୋଇଯାଇଛି ବୋଲି ଜିଲାପାଳ ସୂଚନା ଦେଇଥିଲେ। ରାଜ୍ୟ ସରକାର ଅନୁସନ୍ଧାନ, ପରୀକ୍ଷା, ଚିକିତ୍ସାକୁ ଗୁରୁତ୍ୱ ଦେଉଛନ୍ତି। ଗ୍ରାମ ଏବଂ ପଞ୍ଚାୟତସ୍ତରରେ ସେ ସବୁକୁ ବ୍ୟାପକଭାବେ କାର୍ଯ୍ୟକାରୀ କରିବା ସହିତ ଟିକାକରଣ କରାଇବା ପାଇଁ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ କିଛି ବେସରକାରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ କରୋନା ସଚେତନତା ପ୍ରଚାର ପ୍ରସାର ଅଭିଯାନ ଆରମ୍ଭ କରୁଛନ୍ତି। ସେମାନଙ୍କୁ ମଧ୍ୟ ସହଯୋଗ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଗୃହ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ବ୍ୟକ୍ତି ଯେପରି ବାହାରେ ନ ବୁଲେ ସେ ଦିଗରେ ଦୃଷ୍ଟିଦେବାକୁ ଜିଲାପାଳ କହିଛନ୍ତି। ସଂକ୍ରମିତଙ୍କ ଘରକୁ ଯାଇ ତଥ୍ୟ ସଂଗ୍ରହ କରୁଥିବା ଆଶା, ଅଙ୍ଗନୱାଡି, ଏଏନ୍ଏମ୍‌ଙ୍କ ଯେମିତି କିଛି ଅସୁବିଧା ନ ହୁଏ ସେଥିପାଇଁ ଦୃଷ୍ଟିଦେବାକୁ ପରାମର୍ଶ ଦେଇଥିଲେ। ଗାଁରେ ଜାନିଯାତ୍ରା, ଭୋଜିଭାତ ଓ ଜନଗହଳି ନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ବ୍ୟତିକ୍ରମ ଦେଖାଦେଲେ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ କହିଥିଲେ। ପଲ୍ଲିସଭାରେ ଅନୁମୋଦନ କରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ସମସ୍ତଙ୍କୁ କାମ ଯୋଗାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଭର୍ଚୁଆଲ ବୈଠକରେ ଡିଆର୍‌ଡିଏ ପିଡି ରମାକାନ୍ତ ନାୟକ, ଏପିଡି ରତ୍ନାକର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




ଭର୍ଚୁଆଲ ବୈଠକରେ ଜିଲାପାଳଙ୍କ ସହ ଅନ୍ୟମାନେ।

# ଡାବୁଗାଁ ତହସିଲରେ ୬୩ ଲକ୍ଷ ଟଙ୍କାର ଅନିୟମିତତା ଅଭିଯୋଗ

ଡାବୁଗାଁ, ୨୯।୫ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ୬୩ ଲକ୍ଷ ୬୨ ହଜାର ୭୩ ଟଙ୍କା ଆର୍ଥିକ ଅନିୟମିତତା ହୋଇଥିବା ନେଇ ଶୁକ୍ରବାର ତହସିଲଦାର ସନ୍ଧ୍ୟା ସମରଥ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ତହସିଲ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟିକା ଚନ୍ଦନା ମଣ୍ଡଳଙ୍କ ସମ୍ପୃକ୍ତି ଥିବା ନେଇ ଏତଲାରେ ଦର୍ଶାଯାଇଛି। ପୋଲିସ ଶନିବାର ପୂର୍ବାହ୍ନରେ ତାଙ୍କୁ ଡାକି ପଚରାଉଚରା ଆରମ୍ଭ କରିଥିଲା। ଏହି ସମୟରେ ସେ ହଠାତ୍ ଅଚେତ ହୋଇ ପଡ଼ିଥିଲେ। ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଅପରାହ୍ନ ୫ଟାରେ ତାଙ୍କୁ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଡାବୁଗାଁ ତହସିଲରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଥିଲା। ନବରଙ୍ଗପୁର ଉପଜିଲାପାଳ ଭାସ୍କର ରଇତ ଏହାର ତଦନ୍ତ କରିଥିଲେ। ତହସିଲଦାରଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୯୪/୨୧ରେ ଏକ ମାମଲା ରୁଜୁ କରିଛି। ସବ୍‌ଇନିସ୍ପେକ୍ଟର ଚନ୍ଦ୍ରଭାନୁ ମହାନ୍ତି ମାମଲାର ତଦନ୍ତ କରୁଛନ୍ତି ବୋଲି ଥାନା ଆଇଆଇସି ସୁରେନ୍ଦ୍ର କୁମାର ବେହୁରିଆ ସୂଚନା ଦେଇଛନ୍ତି।

# ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଛି ଆର୍‌ଆର୍‌ଟି



ଡାକ୍ତର ଜଣେ ସଂକ୍ରମିତଙ୍କ ଥର୍ମାଲ ସ୍କ୍ରିନିଂ କରୁଛନ୍ତି।

## ଡାକ୍ତର ଏବଂ ଟିମ୍‌ର କାର୍ଯ୍ୟକୁ ପ୍ରଶଂସା

ରାମନାଗୁଡ଼ା,୨୯।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ୍‌ର ୧୨ପଞ୍ଚାୟତରେ ଗୃହ ସଙ୍ଗରୋଧରେ ଥିବା କରୋନା ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ ଓ ଚିକିତ୍ସା ସେବା ନିମନ୍ତେ ୨ଟି ଆର୍‌ଆର୍‌ଟି(ରାପିଡ୍ ରେସ୍‌ପନ୍ସ ଟିମ୍) ଗଠିତ ହୋଇଛି। ଡାକ୍ତର, ଫାର୍ମାସିଷ୍ଟ ଏବଂ ସହଯୋଗୀଙ୍କୁ ନେଇ ଗଠିତ ଏହି ଟିମ୍ ସଂକ୍ରମିତଙ୍କ ଘର ନିକଟକୁ ଯାଇ ଥର୍ମାଲ ସ୍କ୍ରିନିଂ ସହ ଅକ୍ସିଜେନ୍ ଓ ପଲ୍‌ସ ରେଟ୍ ପରୀକ୍ଷା କରୁଛନ୍ତି। ଅସୁସ୍ଥ ଥିବା ସଂକ୍ରମିତଙ୍କ ଚିକିତ୍ସା ମଧ୍ୟ କରୁଛନ୍ତି। ଟିମ୍-୧ ରେ ଡା. ଭଗବତ ପ୍ରସାଦ ପାଢ଼ୀ, ଫାର୍ମାସିଷ୍ଟ ଶେଖର ଚନ୍ଦ୍ର ମହାରଣା, ସହଯୋଗୀ ଭାସ୍କର ଧୋବା ଏବଂ ସକ୍ରିୟ ପଟ୍ଟନାୟକ ରହିଛନ୍ତି। ଏହି ଟିମ୍ ଅଧୀନରେ ୩୦୦ ସଂକ୍ରମିତ ରହିଥିଲେ। ଏବେ ୧୮୦ ସକ୍ରିୟ ସଂକ୍ରମିତ ଥିବା ଜଣାପଡ଼ିଛି। ପ୍ରତ୍ୟେକ ଦିନ ଡାକ୍ତର ପାଢ଼ୀ ଏବଂ ତାଙ୍କ ଟିମ୍ ଯାଇ ସଂକ୍ରମିତଙ୍କ ନିକଟକୁ ଯାଇ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ସାହାସ ଯୋଗାଉଛନ୍ତି। ଶୀଘ୍ର ସୁସ୍ଥତା ନିମନ୍ତେ ସେମାନଙ୍କୁ ବିଭିନ୍ନ ପରାମର୍ଶ ଦେବା ସହ ଉତ୍ସାହିତ କରୁଛନ୍ତି। ଟିମ୍‌ର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ମଧ୍ୟ ପ୍ରଶଂସା କରୁଛନ୍ତି।

# ଯୁବଗୋଷ୍ଠୀଙ୍କୁ ଟିକା ଦେବାକୁ ଦାବି

ଉମରକୋଟ, ୨୯।୫(ସ୍ୱ.ପ୍ର.)

ନବରଙ୍ଗପୁର ବ୍ୟତିତ ଜିଲାର ଅନ୍ୟ କୌଣସି ସ୍ଥାନରେ ୧୮ରୁ ୪୪ ବର୍ଷ ବୟସ୍କଙ୍କ ପାଇଁ ଟିକାକରଣ ସୁବିଧା ନାହିଁ। ଜିଲାର ଅନ୍ୟ ସ୍ଥାନରେ ମଧ୍ୟ ଯୁବଗୋଷ୍ଠୀଙ୍କ ପାଇଁ ଟିକାକରଣ ବ୍ୟବସ୍ଥା କରାଯାଉ ବୋଲି ଉମରକୋଟ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଶନିବାର ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ସିଡିଏମ୍‌ଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ନବରଙ୍ଗପୁର ଜିଲାରୁ କରୋନାରେ ଦୈନିକ ଶହଶହ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଜିଲାର ରାଇଘର, ଝରିଗାଁ, ଚାନ୍ଦାହାଣ୍ଡି, ଉମରକୋଟ ଅଞ୍ଚଳରେ ଅଧିକ ସଂକ୍ରମିତ ରହିଛନ୍ତି। ଏପରି ସ୍ଥଳେ ୧୮ ବର୍ଷରୁ ଉର୍ଦ୍ଧ୍ୱଙ୍କ ପାଇଁ ପ୍ରଶାସନ କିମ୍ବା ସରକାର ନବରଙ୍ଗପୁର ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ଟିକାକରଣ ବ୍ୟବସ୍ଥା ନାହାନ୍ତି। ସୀମାନ୍ତ ଅଞ୍ଚଳରୁ ନବରଙ୍ଗପୁର ଯାଇ ଟିକା ନେବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ ବୋଲି ଦାବିପତ୍ରରେ ଉଲ୍ଲେକ ରହିଛି। ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ସୁମନ୍ତ ରାଉଳ କହିଛନ୍ତି ଜିଲା ସ୍ୱାସ୍ଥ୍ୟ ବିଭାଗ ଏ ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି। ନିକଟ ଭବିଷ୍ୟତରେ କେତେବେଳେ ବି ଉମରକୋଟରେ ଟିକାକରଣ ଆରମ୍ଭ କରାଯିବ। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା ହୋଇନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଆଶିଷ ରାଓ, ଅମିତ ହାଲଦାର, ସୁଦେବ ନନ୍ଦୀ, ବାଦଲ ପଟ୍ଟନାୟକ, ମିଲୁ ପଣ୍ଡା, ସନ୍ତୋଷ ନାୟକ, ଭିକି ମିସ୍ତ୍ରୀ, ନିତୁ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



ଉପଖଣ୍ଡ ଚିକିତ୍ସା ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି।

# ମାଆଠାରୁ ୭ମାସର ଝିଅକୁ ଛଡ଼ାଇ ରଖିଛନ୍ତି ଶାଶୁ

## ଥାନାର ଦ୍ୱାରସ୍ଥ ହେଲେ ସଜନ୍ତି

ଦଶମନ୍ତପୁର,୨୯।୫ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ରଣୀବାଡ଼ ନିକଟସ୍ଥ ଡାଣ୍ଡିପୁଟ ଗ୍ରାମର ଜଣେ ମହିଳା ତାଙ୍କଠାରୁ ତାଙ୍କ ୭ମାସର ଶିଶୁକନ୍ୟାକୁ ଶାଶୁଘର ଲୋକେ ଦୂରେଇ ରଖିବା ନେଇ ଶନିବାର ଥାନାରେ ଅଭିଯୋଗ କରିଛନ୍ତି। ଖବରରୁ ଜଣାପଡିଛି ଡାଣ୍ଡିପୁଟ ଗ୍ରାମର ଖାଡୁ ଜମ୍ବେକାଙ୍କ ଝିଅ ସଜନ୍ତି ଜମ୍ବେକା ୨୪।୧୨।୨୦୧୬ରେ ଲକ୍ଷ୍ମୀପୁର ବ୍ଲକ ତୟାପୁଟ ପଞ୍ଚାୟତ ପୋଡ଼ାଶାଲୁଡ଼ି ଗ୍ରାମର କୃଷ୍ଣ ହିକ୍କାଙ୍କୁ ବିବାହ କରିଥିଲେ। ତାଙ୍କ ସଂସାର ସୁରୁଖୁରୁରେ ଚଳି ଆସୁଥିବା ବେଳେ ସ୍ୱାମୀ କୃଷ୍ଣଙ୍କ ମସ୍ତିଷ୍କ ବିକୃତି ଆରମ୍ଭ ହୋଇଥିଲା। ଏହାର ସୁଯୋଗ ନେଇ ତାଙ୍କ ଉପରେ ଶାଶୁଙ୍କ ନିର୍ଯାତନା ଆରମ୍ଭ ହୋଇଥିଲା। ସେ ବାଧ୍ୟ ହୋଇ ବାପଘରକୁ ଚାଲି ଆସିଥିଲେ। ସଜନ୍ତି ଜଣେ ଅଙ୍ଗନୱାଡି କର୍ମୀ ହୋଇ ମଧ୍ୟ ଶାଶୁଘରେ ନ ରହି ବାହାରେ ରହି କାର୍ଯ୍ୟ କରୁଥିଲେ। ତେବେ ତାଙ୍କ ୭ ମାସର ଝିଅକୁ ନ ଦେବାରୁ ସେ ବାଧ୍ୟହୋଇ ବାପଘରେ ଆସି ରହୁଥିଲେ। ଏବେ ନ୍ୟାୟ ପାଇଁ ଦଶମନ୍ତପୁର ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ବିଜୟ ରାଜ ମାଝିଙ୍କୁ ପଚାରିବାରୁ ସଜନ୍ତିଙ୍କ ଏତଲାକୁ ଭିତ୍ତିକରି ତଦନ୍ତ ଆରମ୍ଭ ହୋଇଥିବା କହିଛନ୍ତି।

# ଜିଲାପାଳଙ୍କୁ ସମସ୍ୟା ଜଣାଇଲେ ପ୍ରଶିକ୍ଷାର୍ଥୀ

ଉମରକୋଟ, ୨୯।୫(ସ୍ୱ.ପ୍ର.)

ଉମରକୋଟ ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପ୍ରଶିକ୍ଷାର୍ଥୀ ଜିଲାପାଳ ଅଜିତ୍ କୁମାର ମିଶ୍ରଙ୍କୁ ସେମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି। ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଅନୁସୂଚିତ ଜାତି ଓ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏଥିରେ ପ୍ରତି ବର୍ଷ ୨୦୦ ଜଣ ପ୍ରଶିକ୍ଷାର୍ଥୀ ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରୁ ଆସି ଏଠାରେ ତାଲିମ ନେଇଥାନ୍ତି। ସେମାନଙ୍କ ମଧ୍ୟରୁ ୭୦ ଜଣ ହଷ୍ଟେଲରେ ରହିଥାନ୍ତି। କିନ୍ତୁ ଏଠାରେ ଅନେକ ସମସ୍ୟା ରହିଛି ବୋଲି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ଏଠାରେ ନଳକୂପ, ଶୌଚାଳୟ, ଖେଳ ପଡ଼ିଆ ପାନୀୟ ଜଳର ବହୁଳ ଆବଶ୍ୟକତା ରହିଛି। ସେଠାରେ କେବଳ ଗୋଟିଏ କୂଅ ରହିଛି। କୂଅରୁ ପିଇବା ପାଣି ଆଣନ୍ତି। ନଚେତ୍ ପାଣି ପାଇଁ ବାହାରକୁ ଯିବାକୁ ହୁଏ। ଅନୁଷ୍ଠାନରେ ଶୌଚାଳୟର କୌଣସି ସୁବିଧା ନାହିଁ। ଯାହାବି ଅଛି ତାହା ବ୍ୟବହାର ଉପଯୋଗୀ ନୁହେଁ। ଖେଳ ପଡ଼ିଆ ମଧ୍ୟ ନାହିଁ ବୋଲି ଛାତ୍ରୀଛାତ୍ରମାନେ ପତ୍ରରେ ଉଲ୍ଲେଖ କରିଛନ୍ତି।

# କେନାଲ ରାସ୍ତାରେ ମୃତଦେହ ଫିଙ୍ଗି ଆମ୍ବୁଲାନ୍ସ ଚମ୍ପଟ

ଜୟପୁର, ୨୯।୫ (ନି.ପ୍ର.)

ମୃତଦେହ ଫିଙ୍ଗି ଆମ୍ବୁଲାନ୍ସ ଚମ୍ପଟ ମାରିବା ପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଜୟପୁର ଅଞ୍ଚଳରେ। ମୃତଦେହକୁ ଆମ୍ବୁଲାନ୍ସ ମୁଖ୍ୟ କେନାଲ ରାସ୍ତାର ଗାନ୍ଧୀ ଛକନିକଟରେ ଫିଙ୍ଗି ଚାଲିଯାଇଛି। ଏହା କୋଭିଡ ରୋଗୀଙ୍କ ମୃତଦେହ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଅନୁମାନ କରାଯାଉଛି। ପିପିଇ କୀଟ ପିନ୍ଧି ଏକ ଆମ୍ବୁଲାନ୍ସରେ ଦୁଇ ଜଣ ବ୍ୟକ୍ତି ଆସି ଉକ୍ତ ମୃତଦେହକୁ ଫିଙ୍ଗି ଦେଇ ଚାଲିଯିବା ବେଳେ କେନାଲରେ ଗାଧୋଉଥିବା କେତେକ ଯୁବକ ଦେଖିଥିଲେ। ଏନେଇ ଜୟପୁର ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ନେଇ ଖବର ଆସିଛି। ପୋଲିସ, ତହସିଲ କର୍ମଚାରୀ ଏ ଦିଗରେ ପଦକ୍ଷେପ ନେବେ।



ଆମ୍ବୁଲାନ୍ସ ଫିଙ୍ଗି ଦେଇଯାଇଥିବା ମୃତଦେହ ।

## ଚୋରି ମାମଲା, ୨ ଗିରଫ

ଜୟପୁର, ୨୯।୫ (ନି.ପ୍ର.)-ଏକ ଚୋରି ମାମଲାରେ ଜୟପୁର ସଦର ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବାଙ୍କବିଜା ଗ୍ରାମର ଅଜୟ କୁମାର ମିଶନଗ୍ରହାନ (୨୭), ହରେକୃଷ୍ଣ ଜାନି (୨୦) । ଏମାନଙ୍କଠାରୁ ଏଲ୍‌ଇଡି ଟିଭି, ଗୋଟିଏ ସେଟ୍‌ଟପ୍ ବକ୍ସ ଜବତ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ବାଙ୍କବିଜା ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଚୋରି କରିଥିବା ଅଭିଯୋଗ ହୋଇଥିଲା ।

# କରୋନାରେ ମୃତ ବ୍ୟବସାୟୀଙ୍କ ପରିବାରକୁ ଆର୍ଥିକ ସହାୟତା

ପଟ୍ଟାଙ୍ଗୀ,୨୯।୫(ଡି.ଏନ.ଏ.)

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଅଧୀନ ବଡଖଣ୍ଡି ପଞ୍ଚାୟତ ଗୋପୀନାଥପୁର ଗ୍ରାମର କରମଣି ସାହୁ ତାଙ୍କ ପୁଅ ଏବଂ ସ୍ତ୍ରୀଙ୍କୁ ନେଇ ପଟ୍ଟାଙ୍ଗୀ ବ୍ଲକରେ ଏକ ଘରଭଡା ନେଇ ମିକ୍ଚର ତିଆରି କରି ବ୍ୟବସାୟ କରୁଥିଲେ। କରମଣି ୧୪ ତାରିଖରେ କରୋନା ପଜିଟିଭ ହୋଇ କୋରାପୁଟ କୋଭିଡ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ଶନିବାର କରମଣିଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ଏହି ଖବର ପାଇ ବ୍ଲକର କିଶୋର ଚୌଧୁରୀ, ଚନ୍ଦ୍ରଶେଖର ଚୌଧୁରୀ, ମନୋଜ ଦାସ, ବିଜୟ ଖିଲ, ସୁଶାନ୍ତ କୁମାର ଡାକୁଆ, ହରିଶ ବେହେରା, ଅଜିତ ଚୌଧୁରୀ ପ୍ରମୁଖ ଯୁବଗୋଷ୍ଠୀ ୩୦ ହଜାର ଟଙ୍କା ସଂଗ୍ରହ କରି କରମଣିଙ୍କ ପରିବାରକୁ ସହାୟତା ଦେଇଛନ୍ତି। ସୂଚନାଯୋଗ୍ୟ, ପଟାଙ୍ଗୀ ବ୍ଲକରେ କରୋନାରେ ସଂକ୍ରମିତ ହୋଇ ମାଳିପୁଟ ପଞ୍ଚାୟତ ଅନ୍ତର୍ଗତ କୁହୁଲି ହାଟପଦା ଗ୍ରାମର ବ୍ୟବସାୟୀ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସ୍ତ୍ରୀ ଉର୍ମିଳା ବେହେରା ଚିକିତ୍ସାଧୀନ ଅବସ୍ଥାରେ ୨୪ ତାରିଖରେ ମୃତ୍ୟୁବରଣ କରିଥିଲେ।

# ଆମ୍ବ ଗୋଟାଇବାକୁ ଯାଇ ଜୀବନ ଗଲା

ରାୟଗଡ଼ା ଅଫିସ,୨୯।୫

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ୍ ସିକରପାଇ ପଞ୍ଚାୟତ ସଦରଠାରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଯାଇଛି। ବଜ୍ରପାତରେ ଜଣେ ବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିକରପାଇ ଖୋଡ଼ିଆ ସାହିର ଗୁରୁ ଜାନିଆଙ୍କ ଝିଅ ବଗିଚା ମିୟା(୧୫)।

ସୂଚନା ଅନୁଯାୟୀ, ବାଳିକା ଜଣକ ଆମ୍ବ ଗୋଟାଇବାକୁ ତୋଟାକୁ ଯାଇଥିଲେ। ଏହି ସମୟରେ ହଠାତ ବଜ୍ରପାତ ହୋଇଥିଲା। ଏଥିରେ ନିକଟରେ ଥିବା ଆମ୍ବଗଛ ତାଙ୍କ ଉପରେ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଗଛ ତଳେ ଚାପି ହୋଇଥିବା ବଗିଚାଙ୍କ ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରଛନ୍ତି।

# ୧୮ ରୁ ୪୪ ବର୍ଷ ବୟସ୍କଙ୍କୁ ଶୀଘ୍ର ଟିକା ଦାବି

ଗୁଣପୁର,୨୯।୫(ଡି.ଏନ୍.ଏ.)

ରାୟଗଡ଼ା ଜିଲାରେ ଏ ପର୍ଯ୍ୟନ୍ତ ୧୮ ରୁ ୪୪ ବର୍ଷ ବୟସ୍କଙ୍କ ନିମନ୍ତେ ଟିକାକରଣ ଆରମ୍ଭ ହୋଇନାହିଁ। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଯୁବଗୋଷ୍ଠୀଙ୍କ ମୃତ୍ୟୁ ଘଟୁଛି। ଏଭଳି ପରିସ୍ଥିତିରେ ଜିଲାରେ ୧୮ରୁ ୪୪ ବର୍ଷ ଲୋକଙ୍କୁ ଶୀଘ୍ର ଟିକାକରଣ ନିମନ୍ତେ ପଦକ୍ଷେପ ନେବାକୁ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଦାବି ହୋଇଛି। ଏ ନେଇ ଶନିବାର ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏ ଦିଗରେ ତ୍ୱରିତ ପଦକ୍ଷେପ ନ ନେଲେ ଯୁବ ମୋର୍ଚ୍ଚା ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଉପଜିଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ଦାବିପତ୍ର ଗ୍ରହଣ କରିଥିବା ଜଣାପଡ଼ିଛି। ଦାବିପତ୍ର ପ୍ରଦାନବେଳେ ଭାଜପା ଜିଲା ଉପସଭାପତି ୱାଇ. ଗଣପତି, ନଗର ସଭାପତି ଶ୍ରୀନିବାସ ସ୍ୱାଇଁ, ଜଗନ୍ନାଥପୁର ମଣ୍ଡଳ ସଭାପତି ପୃଥ୍ୱୀରାଜ ପାଢ଼ୀଙ୍କ ସମେତ ଫାଲଗୁନି ଶବର, ଜଗଦିଶ ପଣ୍ଡା, ଟିଙ୍କୁ ପଣ୍ଡା ଏବଂ ରମେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା ।

# ମାସକରେ ୪ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ

- କାଶିପୁରରେ ପହଁଞ୍ଚିଲେ ୨ ଡାକ୍ତରୀ ଦଳ
- ପଞ୍ଚାୟତକୁ ନାହିଁ ରାସ୍ତା
- ଲକ୍‌ଡାଉନ୍, ଶଟ୍‌ଡାଉନ୍ ଯୋଗୁ ଯାଇ ପାରୁନାହାନ୍ତି ଡାକ୍ତରଖାନା

ରାୟଗଡ଼ା ଅଫିସ,୨୯।୫

ରାୟଗଡ଼ା ଜିଲା କାଶିପୁର ବ୍ଲକ୍‌ର ୪ ପଞ୍ଚାୟତରେ ମାସେ ମଧ୍ୟରେ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ କେତେଜଣ ଅସୁସ୍ଥ ଥିବା ଜଣାପଡ଼ିଛି। ତେବେ ଗାଁକୁ ପକ୍କାରାସ୍ତାର ଅଭାବ ସହ ଲକ୍‌ଡାଉନ ଓ ଶଟ୍‌ଡାଉନ ସମସ୍ୟା କାରଣରୁ ଗ୍ରାମବାସୀ ଡାକ୍ତରଖାନାକୁ ଯାଇପାରୁ ନାହାନ୍ତି। ଏମିତିକି କରୋନା ସଚେତନତା ଏବଂ ଗାଁ ଗାଁରେ ଆର୍‌ଆର୍‌ଟି ଟିମ୍ ସ୍ୱାସ୍ଥ୍ୟ ଯାଞ୍ଚ କରୁଥିବା କୁହାଯାଉଥିଲେ ମଧ୍ୟ ଏହି ପଞ୍ଚାୟତଗୁଡ଼ିକରେ ପ୍ରଶାସନ ପହଞ୍ଚିନ ଥିବା ଅଭିଯୋଗ ହୋଇଛି। ତେବେ ଅସୁସ୍ଥତାର କାରଣ ଜଣାପଡ଼ି ନ ଥବାବେଳେ ଅଭିଯୋଗ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶରେ ଶନିବାର ୨ ଟିମ୍ ପହଞ୍ଚି ଲୋକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଛନ୍ତି। ସେହିପରି ୬୨ ଜଣଙ୍କ କରୋନା ଆଣ୍ଟିଜେନ ପରୀକ୍ଷା କରାଯାଇଛି। ସେଥିମଧ୍ୟରୁ ୧୦ଜଣଙ୍କ ରିପୋର୍ଟ ପଜିଟିଭ ରହିଥିବା ଜଣାପଡ଼ିଛି। ସେହିପରି ଅନ୍ୟ ୨୦ ଜଣଙ୍କ ସ୍ୱାବ୍ ପରୀକ୍ଷା ନିମନ୍ତେ ସଂଗ୍ରହ କରାଯାଇଥିବା ଜଣାପଡ଼ିଛି।



ଡାକ୍ତରୀ ଟିମ୍ ଜଣେ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଯୁବକ ମୃତ

କାଲିମେଲା/ଏମ୍ଭି-୭୯,୨୯।୫ (ଡି.ଏନ୍.ଏ.)- ମାଲକାନଗିରି ଜିଲା ଏମ୍ଭି-୭୯ ଥାନା ଅନ୍ତର୍ଗତ ଭୁବନପାଲ୍ଲୀ ପଞ୍ଚାୟତର ଏମ୍ଭି-୭୬ ଗ୍ରାମରେ ସାପକାମୁଡ଼ାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ପରିତୋଷ ଆୟୁଚଙ୍କ ପୁଅ ପିଜୁଷ ଆୟୁଚ(୪୫)। ଶୁକ୍ରବାର ରାତିରେ ପରିବାର ଲୋକେ ସମସ୍ତେ ଘରେ ଶୋଇଥିବା ବେଳେ ପିଜୁଷ ଘର ସମ୍ମୁଖରେ ରଖାଯାଇଥିବା ବାଦାମ ଗଦା ଉପରେ ଶେଯ ପାରି ଶୋଇଥିଲେ । ନିଘୋଡ଼ ନିଦରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡ଼ି ଦେଇଥିଲା। ଏହା ସେ ଜାଣିପାରି ନ ଥିଲେ। ସକାଳୁ ଉଠି ନିତ୍ୟକର୍ମ ସାରି କାମ କରିବା ବେଳେ ପିଜୁଷ ଦୁର୍ବଳ ଅନୁଭବ କରିଥିଲେ। ପରେ ସେ ଅଚେତ ହୋଇପଡିଥିଲେ । ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ କାଲିମେଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟରେ ପିଜୁଷଙ୍କ ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ ହୋଇଛି।

### ଗଳାକାଟି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ନବରଙ୍ଗପୁର,୨୯।୫(ବି.ପ୍ର.)- ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ବାଲେଙ୍ଗା ଗାଁର ବଳି ମାଝି(୩୦) ଗଳାକାଟି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ବଳିଙ୍କ ପରିବାରର ସମସ୍ତେ କାଜୁ ବଗିଚାକୁ ଯାଇଥିଲେ। ଅପରାହ୍ନ ୪ଟାରେ ଗାଁର ଜଣେ ଯୁବକ ତାଙ୍କ ଘରକୁ ଯାଇଥିଲେ। ଏହି ସମୟରେ ଘର ଭିତରେ ବଳି ବେକ କାଟି ଅଚେତ୍ ହୋଇ ପଡିଥିବା ଦେଖି ତାଙ୍କ ପରିବାରକୁ ଜଣାଇଥିଲେ। ବଳିଙ୍କ ବଡ଼ ବାପାଙ୍କ ପୁଅ ରାଜେନ୍ଦ୍ର ଖବରପାଇ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବଡ଼ଗୁମୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେଠାରୁ ବଳିଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି।

### ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ, ଜଣେ ଗୁରୁତର

ହିଞ୍ଜଳିକାଟୁ, ୨୯।୫(ଡି.ଏନ୍.ଏ)- ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ଶୁକ୍ରବାର ବାଛୁରୀ ବିକ୍ରିକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ମଙ୍ଗୁଲୁ ପୃଷ୍ଟି ଗୁରୁତର ହୋଇଛନ୍ତି। ମଙ୍ଗୁଲୁଙ୍କ ଭାଇ ଅଶୋକଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ନଂ. ୨୭୩/୨୧ରେ ମାମଲା ରୁଜୁ କରିଛି। କିଛି ମାସ ତଳେ ଅଶୋକ, ମଙ୍ଗୁଲୁ ଓ ଗ୍ରାମର ଅନ୍ୟ କିଛି ବ୍ୟକ୍ତି ଏକ ବାଛୁରୀକୁ ମୁମୂର୍ଷ ଅବସ୍ଥାରେ ଉଦ୍ଧାର କରି ପିତଳ ପଶୁ ଡାକ୍ତରଖାନାରେ ଚିକିତ୍ସିତ କରିଥିଲେ। ବାଛୁରୀଟି ସୁସ୍ଥ ହେବା ପରେ ତାକୁ ଗ୍ରାମର ସ୍ୱରାଜ୍ୟ ପୃଷ୍ଟି ବିକ୍ରି କରି ଦେଇଥିଲେ। ଏହାକୁ ନେଇ ମଙ୍ଗୁଲୁ ଓ ସ୍ୱରାଜ୍ୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସ୍ୱରାଜ୍ୟଙ୍କ କାତି ଚୋଟରେ ଗୁରୁତର ମଙ୍ଗୁଲୁଙ୍କୁ ପିତଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ପକ୍ଷରେ ଗ୍ରାମର ଦୁଖୀଶ୍ୟାମ ପୃଷ୍ଟି ପାଲଟା ଅଭିଯୋଗ କରିଛନ୍ତି ଯେ, ସେ ଓ ତାଙ୍କ ପୁଅ ସରୋଜ ଗୁହାଳରେ ଥିବା ବେଳେ ମଙ୍ଗୁଲୁ , ଅଶୋକଙ୍କ ସମେତ ଅନ୍ୟ ୩ଜଣ ଆସି ବାଛୁରୀ କାହିଁକି ବିକ୍ରି କଲ ବୋଲି ଆକ୍ରମଣ କରଥିଲେ। ଏ ନେଇ ପୋଲିସ ନଂ. ୨୭୪/୨୧ରେ ମାମଲା ରୁଜୁ କରି ଜଣକୁ ଅଟକ ରଖିଛି।

### ତହସିଲଦାର, ପୋଲିସକୁ ଆକ୍ରମଣ ଘଟଣା: ୨ ଗିରଫ

ପାରଳାଖେମୁଣ୍ଡି,୨୯।୫(ଡି.ଏନ୍.ଏ.)- ଆର୍.ଉଦୟଗିରି ତହସିଲଦାର, ପୋଲିସଙ୍କୁ ଆକ୍ରମଣ ଘଟଣାରେ ଶନିବାର ପୋଲିସ ପୁଣି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଲିଗଡ ଗ୍ରାମର ରୁନା ଲିମ୍ମା ଓ ସୁବିତ ହରିଶାଲ୍ୟା। ଏହାକୁ ମିଶାଇ ମୋଟ ଗିରଫଙ୍କ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି । ଅଭିଯୁକ୍ତମାନେ ବ୍ରହ୍ମପୁର ଯିବାକୁ ଉଦ୍ୟମ କରୁଥିବା ବେଳେ ମୋହନା ଥାନା ଅନ୍ତର୍ଗତ କମଳାପୁର ନାକା ପଏଣ୍ଟ ନିକଟରୁ ପୋଲିସ ଧରିଥିଲା। ଗତ ୭ ତାରିଖରେ ଛେଲିଗଡ ଗ୍ରାମ ଖ୍ରୀଷ୍ଟିୟାନ ସାହିରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ ବିବାହ ଶୋଭାଯାତ୍ରା ଚାଲିଥିଲା। ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ସତପଥି ଓ ପୋଲିସ ପହଞ୍ଚି ଶୋଭାଯାତ୍ରା ବନ୍ଦ କରିବାକୁ କହିବାରୁ ସେମାନଙ୍କୁ ଆକ୍ରମଣା କରାଯାଇଥିଲା।

# ସୌରଚାଳିତ ପ୍ରକଳ୍ପ ଫେଲ୍: ଜଳକଷ୍ଟ ଭୋଗୁଛନ୍ତି ଗ୍ରାମବାସୀ

ମାଲକାନଗିରି,୨୯।୫(ଡି.ଏନ.ଏ.)

- ୨/୩ ସପ୍ତାହ ମଧ୍ୟରେ ଅଚଳ ହୋଇପଡ଼ିଲା ପ୍ରକଳ୍ପ
- ମରାମତି ପାଇଁ କହିଲେ ଶୁଣୁନି ପଞ୍ଚାୟତ
- ମଶାଣି ପାଖରେ ଥିବା ପୋଖରୀ ଜଳ ଲୋକଙ୍କ ଭରସା

ମାଲକାନଗିରି ଜିଲାରେ କରୋନା ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିବା ବେଳେ ଏନେଇ ସମସ୍ତେ ଚିନ୍ତାରେ ଅଛନ୍ତି। ଏପରି ସମୟରେ ପାନୀୟ ଜଳ ସଙ୍କଟ ଲୋକଙ୍କୁ ଅତିଷ୍ଠ କରୁଛି। ଜିଲାର ଅନେକ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେଇଛି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରଶାସନ ସମସ୍ୟାର ସ୍ଥାୟୀ ସମାଧାନ କରୁନାହିଁ। ଜିଲାରେ ଜଳକଷ୍ଟ ଦୂର ପାଇଁ ଜିଲା ବାହାରର କେତେକ କମ୍ପାନୀ ସୋଲାର ପ୍ରକଳ୍ପ ମାଧ୍ୟମରେ ପାନୀୟ ଜଳ ଯୋଗାଣ ଲାଗି ପ୍ରତି ପଞ୍ଚାୟତରେ ସୌରଚାଳିତ ପ୍ରକଳ୍ପ କରିଥିଲେ ମଧ୍ୟ କେତେକ ସ୍ଥାନରେ ଏହା ୨/୩ ସପ୍ତାହ ମଧ୍ୟରେ ଅଚଳ ହୋଇପଡୁଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ପରବର୍ତ୍ତୀ ସମୟରେ ପ୍ରକଳ୍ପ ଦାୟିତ୍ୱରେ ଥିବା ଠିକାଦାରମାନେ ନିମ୍ନମାନର କାର୍ଯ୍ୟ କରି ଅର୍ଥ ହାତେଇ ନେଉଛନ୍ତି। ଏପରି ଦେଖିବାକୁ ମିଳିଛି



ପାନୀୟ ଜଳ ଆଣିବାକୁ ଯାଉଥିବା ଗ୍ରାମବାସୀ।

ମାଲକାନଗିରି ସଦର ବ୍ଲକ ଝରାପାଲି ପଞ୍ଚାୟତର ଝିଲେରିଗୁଡା ଗ୍ରାମରେ । ଏହି ଗ୍ରାମରେ ୧୦୭ଟି ପରିବାର ବସବାସ କରୁଛନ୍ତି। ସେମାନଙ୍କୁ ପାନୀୟ ଜଳ ଯୋଗାଣ ଲାଗି ୨୦ ଲକ୍ଷ ଟଙ୍କା ବ୍ୟୟରେ ଦୁଇଟି ସୌରଚାଳିତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ହୋଇଥିଲା । ଏହି ଦୁଇଟିରୁ ଗୋଟିଏ ୬ ମାସ ହେବ ଅଚଳ ହୋଇ ପଡିଥିବା ବେଳେ ଅନ୍ୟ ପ୍ରକଳ୍ପଟିରେ ଅଳ୍ପ ପାଣି ଆସୁଛି। ଫଳରେ ୧୦୭ ପରିବାରକୁ ଏହା ନିଅଣ୍ଟ ହେଉଛି ବୋଲି ଗ୍ରାମର ବୁରୁନ୍ଦା ମାଡକାମି , ପଦ୍ମା ପଡିଆମି , ସୁକାନ୍ତି ମାଢି , ଗୌରୀ ମାଡକାମି, ସୁନାମଣି କବାସି, ମନ ମାଡକାମି, ରାମଚନ୍ଦ୍ର ମାଢି, ନରସିଂହ ମାଢି, ବାଗନା ପଡିଆମି ପ୍ରମୁଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଅନେକ ଥର ଆମେ ପଞ୍ଚାୟତରେ ଏ ସମ୍ପର୍କରେ ଜଣାଇଥିଲେ ମଧ୍ୟ ଆମ ଅଭିଯୋଗ କେହି ଶୁଣୁନାହାନ୍ତି। ବାଧ ହୋଇ ଗ୍ରାମ ମଶାଣି ନିକଟରେ ଥିବା ପୋଖରୀରୁ ଦୂଷିତ ପାଣି ଆଣି ବ୍ୟବହାର କରୁଛୁ ବୋଲି ସେମାନେ କହିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଅଚଳ ସୌର ପ୍ରକଳ୍ପକୁ ମରାମତି କରି ପାନୀୟ ଜଳ ଯୋଗାଇଦେବାକୁ ଦାବି ହେଉଛି।

# ସୀମାନ୍ତ ଦୁର୍ଗମ ଅଞ୍ଚଳରେ କରୋନା ସଚେତନତା ରଥ

ମାଲକାନଗିରି,୨୯।୫(ଡି.ଏନ.ଏ)

ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଚାଲିଥିବା କୋଭିଡ୍ ସଚେତନତା କାର୍ଯ୍ୟକ୍ରମ ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡକୁ ଲାଗିଥିବା ଆଭ୍ୟନ୍ତରୀଣ ଅଞ୍ଚଳରେ ପହଞ୍ଚିଛି। ଜିଲା ପ୍ରଶାସନ, ପୋଲିସ ପ୍ରଶାସନ, ବଣିକ ସଂଘ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ମିଳିତ ସହଯୋଗରେ ପରିକ୍ରମା କରୁଥିବା ଏହି ସଚେତନତା ରଥ ବିଭିନ୍ନ ଗ୍ରାମରେ ଗ୍ରାମବାସୀଙ୍କୁ ସଚେତନ କରୁଛି। ଗ୍ରାମବାସୀ ନିଜ ଗ୍ରାମରେ କରୋନା ରୋଗ ପୂରାଇ ଦେବୁନି, କରୋନା ନିୟମ ମାନି ଚଳିବୁ ବୋଲି ଶପଥ ନେଉଛନ୍ତି। ମାଥିଲିର କିଆଙ୍ଗ, କମାରାପାଲ୍ଲୀ, ଚେଡେଙ୍ଗା, ସିନ୍ଧିଗୁଡା, ମେଣ୍ଡକୁଲି, ଚଲାଣଗୁଡା, ନୂଆଗୁଡା, ଧୁଙ୍ଗିଆପୁଟ, ପାତ୍ରପୁଟ, ଡୁର୍କାଯୋଡି, କେନ୍ଦୁଗୁଡା, କଶିଗୁଡା, କର୍ତ୍ତନପାଲ୍ଲି, କମାରଗୁଡା ଆଦି ସୀମାନ୍ତ ଗ୍ରାମଗୁଡିକରେ ପ୍ରଚାର କରାଯାଇଥିଲା । କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସହ ଡାକ୍ତର ଆଶିଷ କୁମାର ଗିରି, ଡାକ୍ତର ଅମିୟ କୁମାର ସ୍ୱାଇଁ, ଫାର୍ମାସିଷ୍ଟ ସଞ୍ଜୟ କୁମାର ନାୟକ, ବିଭିନ୍ନ ପଞ୍ଚାୟତର ଆଶା, ଅଙ୍ଗନୱାଡି ଏବଂ ମହିଳା ସ୍ୱାସ୍ଥ୍ୟ କର୍ମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ ।



ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଏକ ସୀମାନ୍ତ ଗ୍ରାମରେ ଚାଲିଥିବା ସଚେତନତା କାର୍ଯ୍ୟକ୍ରମ।

# କୋରାପୁଟ ଜିଲାରେ କରୋନାରେ ପୁଣି ୨ ମୃତ

କୋରାପୁଟ,୨୯।୫(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଶୁକ୍ରବାର କରୋନାରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଶନିବାର ପୁଣି ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଫଳରେ ଜିଲାରେ ମୋଟ ମୃତକଙ୍କ ସଂଖ୍ୟା ୪୧ରେ ପହଞ୍ଚିଛି। ୨୦୨ ଜଣ ନୂତନ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୯୦ ଜଣ ମହିଳା ଓ ୧୧୨ ଜଣ ପୁରୁଷ ରହିଛନ୍ତି। ଚିହ୍ନଟଙ୍କ ମଧ୍ୟରେ ଜୟପୁର ପୌରାଞ୍ଚଳରୁ ସର୍ବାଧିକ ୩୭ ଜଣ ପଜିଟିଭ ଚିହ୍ନଟ ହୋଇଥିବାବେଳେ କୋରାପୁଟ ପୌରାଞ୍ଚଳରୁ ୩୧, ସୁନାବେଡାପୌରାଞ୍ଚଳରୁ ୨୨ ଓ କୋଟପାଡ ଏନଏସି ଅଞ୍ଚଳରୁ ୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଜିଲାର ବନ୍ଧୁଗାଁ ବ୍ଲକରୁ ୭, ପଜିଟିଭ ଚିହ୍ନଟ ହୋଇଥିବାବେଳେ ବୋରିଗୁମ୍ମା ବ୍ଲକରୁ ୬, ବୈପାରିଗୁଡା ବ୍ଲକରୁ ୨, ଦଶମନ୍ତପୁର ବ୍ଲକରୁ ୯, ଜୟପୁର ବ୍ଲକରୁ ୧୭, କୋରାପୁଟ ବ୍ଲକରୁ ୨୮, କୋଟପାଡ ବ୍ଲକରୁ ୮, ଲମତାପୁଟ ବ୍ଲକରୁ ଜଣେ, ଲକ୍ଷ୍ମୀପୁର ବ୍ଲକରୁ ୬, ନନ୍ଦପୁର ବ୍ଲକରୁ ଜଣେ, ନାରାୟଣପାଟଣା ବ୍ଲକରୁ ୭, ପଟ୍ଟାଙ୍ଗି ବ୍ଲକରୁ ୩ ଓ ସେମିଲିଗୁଡା ବ୍ଲକ ଅଞ୍ଚଳରୁ ୧୦ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଉଛି।

# ନିମ୍ନମାନର ରାସ୍ତା ନିର୍ମାଣକୁ ବିରୋଧ

ଚିତ୍ରକୋଣ୍ଡା,୨୯।୫(ଡି.ଏନ.ଏ.)

- ଯୋଡ଼ାମ୍ବଠାରୁ କଣ୍ଟୁରପଦର ଯାଏ ହେଉଛି ରାସ୍ତା
- ପ୍ରଶାସନିକ ଅଧିକାରୀ , ଠିକାଦାର ସଲାସୁତୁରାରେ କାମ ଚାଲିଛି
- ଅଭିଯୋଗ କଲେ କେହି ଶୁଣୁନାହାନ୍ତି

ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଥିବା କଲଭର୍ଟ କାମରେ ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ନେଇ ସ୍ୱାଭିମାନ ଅଞ୍ଚଳର ଜୋଡାମ୍ବ ଓ କଣ୍ଟୁରପଦର ଗ୍ରାମବାସୀ ପ୍ରତିବାଦ କରିଛନ୍ତି। ଏ ସମ୍ପର୍କରେ ସେମାନେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଯୋଡ଼ାମ୍ବଠାରୁ କଣ୍ଟୁରପଦର ଯାଏ ୪ କିଲୋମିଟର ରାସ୍ତା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହେଉଛି। ଏହି ନିର୍ମାଣ ସମୟରେ ପାଣି ଯିବା ପାଇଁ ସ୍ଥାନେସ୍ଥାନେ କଲଭର୍ଟ ଆବଶ୍ୟକତା ଅନୁସାରେ ତିଆରି ହେଉଛି। ଏହି ରାସ୍ତା ଓ କଲଭର୍ଟ ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହେଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏନେଇ ଠିକାଦାରଙ୍କୁ ପଚାରିଲେ ସେ ଏପରି କାର୍ଯ୍ୟ ଏଷ୍ଟିମେଟରେ ନାହିଁ କହି ଲୋକଙ୍କୁ ଭୁୟାଁ ବୁଲାଉଛନ୍ତି। ରାସ୍ତା ନିର୍ମାଣରେ ଯେଉଁ ମେଟାଲ, ସିମେଣ୍ଟ ଏବଂ ବାଲି ବ୍ୟବହୃତ ହେଉଛି ତାହା ଅତି ନିମ୍ନମାନର। ମେଟାଲ ଗୁଡିକ ଅଳ୍ପ ଆଘାତରେ ଭାଙ୍ଗି ଗୁଣ୍ଡ ହୋଇଯାଉଛି। ତେବେ ସରକାର କୋଟି କୋଟି ଟଙ୍କା ସ୍ୱାଭିମାନ ଅଞ୍ଚଳର ବିକାଶ ନିମନ୍ତେ ଦେଉଥିବା ବେଳେ କେତେକ ପ୍ରଶାସନିକ ଅଧିକାରୀ ଏବଂ ଠିକାଦାର ସଲାସୁତୁରାରେ ଏପରି ନିମ୍ନମାନର କାର୍ଯ୍ୟ କରି ଅର୍ଥ ହଡପ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ଆଗାମୀ ଦିନରେ ରାସ୍ତା ନିର୍ମାଣ କାର୍ଯ୍ୟ ଠିକ ରୂପେ ନ ହୁଏ ତେବେ ଆରଡ଼ି ବିଭାଗ କାର୍ଯ୍ୟାଳୟକୁ ଘେରାଉ କରିବୁ ବୋଲି ଗ୍ରାମର ମନ ହନ୍ତାଳ, ଗଙ୍ଗା ହନ୍ତାଳ, ଜୟରାମ ପୁନା, ଡମ ଖରା, ରାଜୁ ହନ୍ତାଳ, ଗୌର ଖିଲ, ବେଣୁଧର ଗୋଲୋର, ରଞ୍ଜନ ଗୋଲୋରୀଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ନିମ୍ନମାନର ରାସ୍ତା କାର୍ଯ୍ୟ ନେଇ ଅଭିଯୋଗ କରୁଥିବା ଗ୍ରାମବାସୀ।

# ଏବେ କିନ୍ତୁ ବେଶି ମନେପଡୁଛ ତୁମେ ମିନୁ...

ପଦ୍ମପତ୍ର ଉପରେ ଢଳ ଢଳ ପାଣି ଟୋପାଏ ପରି ଏ ଜୀବନ । ଏବେ ଅଛି ତ ପର ମୁହୂର୍ତ୍ତରେ ନାହିଁ । ଏ କଥା ଶୁଣିଥିଲି ବହୁବାର। ହେଲେ ହଠାତ୍ ମିନୁ, ତୁମେ ଅଧାବାଟରେ ମୋ ହାତ ଛାଡ଼ି ଚାଲିଯିବ, ସ୍ୱପ୍ନରେ ବି ଭାବି ନ ଥିଲି କେବେ । ତୁମେ ଜାଣ, କୋରାପୁଟକୁ ଭଲପାଇ +୨ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ପାଇଁ ଟାଲେଣ୍ଟସ ଶିକ୍ଷାନୁଷ୍ଠାନ ଖୋଲିବା ପରେ ୨୦୦୬ ଜୁନ୍ ୮ ତାରିଖରେ ତୁମେ ଆସିଥିଲ ମୋର ଜୀବନସାଥୀ ହୋଇ । କଥା ଥିଲା ସାରା ଜୀବନ ସାଥୀ ହୋଇ ରହିବା, ହୋଇପାରିଲା ନାହିଁ । ଦେଖୁ ଦେଖୁ ହଠାତ୍ ତୁମେ କେଉଁ ଏକ ଅଫେରା ରାଇଜକୁ ଚାଲିଗଲ ଯେ ମିନୁ ! ଆଉ ଫେରିବାର ନାଁ ଧରୁନାହଁ।

ତୁମେ ଆମ ଘରକୁ ଆସିଲ ତ, କେବଳ ଆସିଲ ନାହିଁ ଗୃହଲକ୍ଷ୍ମୀ ହୋଇ, ବରଂ ମୋର ଭାଗ୍ୟଲକ୍ଷ୍ମୀ ହୋଇ ମୋ ପ୍ରିୟ ଟାଲେଣ୍ଟସ ଶିକ୍ଷାନୁଷ୍ଠାନ ନେଇ ଆଗକୁ ଯିବାର ପଥପ୍ରଦର୍ଶକ ହେଲ ତୁମେ। ତୁମର ନିରନ୍ତର ପ୍ରେରଣା ଓ ଆନ୍ତରିକ ସହଯୋଗରେ କୋରାପୁଟରେ ପ୍ରତିଷ୍ଠା ହେଲା +୨ ବିଜ୍ଞାନ ଶିକ୍ଷାଦାନ ପାଇଁ ଟାଲେଣ୍ଟସ ମହାବିଦ୍ୟାଳୟ। ସେତିକିରେ ସରିଲା ନାହିଁ କଥା । କଲେଜର ନିର୍ଦ୍ଦେଶିକା ଭାବେ ଦାୟିତ୍ୱ ବହନ କରି କେବଳ ମୋର କାର୍ଯ୍ୟକୁ ତ୍ୱରାନ୍ୱିତ କଲ ନାହିଁ ତୁମେ ମିନୁ, ବରଂ ସହଯୋଗୀ ହୋଇ ଶିକ୍ଷାନୁଷ୍ଠାନ ପ୍ରଗତିରେ ସାଥୀ ହେଲ । ଅନୁଷ୍ଠାନର ସୁନାମ ପାଇଁ ପ୍ରତି ସମୟରେ ତାର ଛାଇ ହୋଇ ରହିଲ ।

ମନେପଡୁଛି ମିନୁ, ହଠାତ୍ ଦିନେ ବ୍ରେନ୍ ଟ୍ୟୁମର ଭଳି ଦୁରାରୋଗ୍ୟ ବ୍ୟାଧିର ଶିକାର ହେଲେ ସୁଦ୍ଧା ସେଥିରୁ ମୁକୁଳି ଆସିବା ପରେ ଭାବିଥିଲି ତୁମେ ଗୋଟେ ସ୍ୱାଭାବିକ ଜୀବନ ଜୀଇଁପାରିବ । କିନ୍ତୁ ହେଲା କ'ଣ ମିନୁ। କରୋନାର ଦ୍ୱିତୀୟ ଲହର ଦ୍ୱାରା ସଂକ୍ରମିତ ହୋଇ ଦୀର୍ଘଦିନ ମରଣ ସହ ସଂଗ୍ରାମ କରିବା ପରେ ଶେଷରେ ମାତ୍ର ୪୪ ବର୍ଷ ବୟସରେ ଜୀବନ ଯୁଦ୍ଧରେ ହାରିଗଲ ତୁମେ । ଆଉ ଅସମୟରେ ଛାଡ଼ି ଦେଇଗଲ ତୁମ ସୁନ୍ଦର ପରିବାର। ପଛରେ ରହିଗଲେ ତୁମର ନିରୀହ ନିଷ୍ପାପ ପୁଅ ମୁକୁ ଆଉ ଝିଅ ଗୁଞ୍ଜି ମାମା। ଆଉ ସବୁ ଦିନ ପାଇଁ ଆମ ଆଖିରେ ଭରି ଦେଇଗଲ ତୁମ ଅଭାବର ଲୁହ ଆଉ ଲୁହ । ସତରେ ମିନୁ ତୁମେ ଆଉ ଆମ ସାଥିରେ ନାହିଁ ବୋଲି ନା ବିଶ୍ୱାସ କରିପାରୁଛି ମୁଁ ନା ମୋର ପରିବାର କି ଆତ୍ମୀୟସ୍ୱଜନ । ଏବେ ବି ମୋର ଚାରିପାଖରେ ସମସ୍ତେ ଥାଇ ବି ମୁଁ ନିହାତି ଏକୁଟିଆ । ଯୁଆଡେ ଚାହିଁଲେ ଖାଲି ତୁମେ ନ ଥିବାର ଖାଁ ଖାଁ ନିର୍ଜନତା ।

ପ୍ରକୃତରେ ତୁମେ ମୋର କେବଳ ସହଯୋଗୀ ନ ଥିଲ ମିନୁ, ବରଂ ତୁମେ ଥିଲ ମୋର ଡାହାଣ ହାତ, ଯାହାର ଅଭାବ ଏବେ ପ୍ରତି ମୁହୂର୍ତ୍ତରେ ମୁଁ ଅନୁଭବ କରୁଛି । କୁହ, କିଏ ଅଛି ଏ ଦୁନିଆରେ ଯିଏ ତୁମର ଅଭାବ ପୂରଣ କରିଦେଇପାରିବ। ତୁମେ ନ ଥିବା ହିଁ ମୋର ଅପୂରଣୀୟ କ୍ଷତି। ବାସ୍ତବରେ ତୁମର ଆଦର୍ଶ, ବ୍ୟକ୍ତିତ୍ୱ ଓ ଶୃଙ୍ଖଳିତ ଜୀବନଶୈଳୀ ମୋ ଜୀବନକୁ ବହୁପରିମାଣରେ ପ୍ରଭାବିତ କରିଛି । ତୁମର ସରଳ, ଅମାୟିକ ବ୍ୟବହାର କେବଳ ମୋ ପାଇଁ ନୁହେଁ, ତୁମ ସହ ସମ୍ପର୍କରେ ଆସିଥିବା ସମସ୍ତଙ୍କ ପାଇଁ ସ୍ମରଣୀୟ ହୋଇ ରହିବ। କେବଳ ମୋ ପାଇଁ ମୋ ପରିବାର ପାଇଁ କି ଶିକ୍ଷାନୁଷ୍ଠାନ ପାଇଁ ନୁହେଁ, ବର୍ଷ ବର୍ଷ ଧରି କଲେଜକୁ ଆସୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ତୁମେ ଥିଲ ସୁନ୍ଦର ଆଦର୍ଶର ଉଦାହରଣ। ସବୁବେଳେ ପିଲାଙ୍କୁ କହି ଆସିଛି, ଭଲ ଶିକ୍ଷାନୁଷ୍ଠାନ ପାଇଛ, ମନଦେଇ ପାଠ ପଢ଼, ଭଲ ମଣିଷ ହୁଅ। ଏବେ ହଜାର ହଜାର ଛାତ୍ରୀଛାତ୍ର ତୁମେ ଆଉ ନ ଥିବା ଖବରକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି ।

ତୁମେ ତ ମିନୁ, ଯେତିକି କର୍ତ୍ତବ୍ୟପରାୟଣା ଠିକ୍ ସେମିତି ଧର୍ମପରାୟଣା ପତ୍ନୀ ମୋର। ଲୀଳାମୟ ଶ୍ରୀକୃଷ୍ଣଙ୍କ ପରମ ଭକ୍ତ ଥିଲ ବୋଲି ତୁମ ଆନ୍ତରିକ ଉଦ୍ୟମରେ କଲେଜ ପରିସରରେ ନିର୍ମାଣ ହେଲା ଶ୍ରୀରାଧାକୃଷ୍ଣ ମନ୍ଦିର। ଆଜି ତୁମର ସେ ମନ୍ଦିର ଅଛି ମିନୁ, ଅଥଚ ତୁମେ ନାହଁ, ତୁମେ ସିଏ, ଯିଏ ଦିନର ଅନେକ ସମୟ ଶ୍ରୀକୃଷ୍ଣଙ୍କ ନାମ ଜପତପରେ ସମୟ ଅତିବାହିତ କରୁଥିଲ। ମୋ ବିଶ୍ୱାସ ସେ ତୁମ ସାଥିରେ



ଥିଲେ ରହିଥିବେ ସବୁବେଳେ ।

ତୁମେ ବୁଝିପାରିଥିଲ ମିନୁ, ପରିବାର ସହ ଶିକ୍ଷାନୁଷ୍ଠାନକୁ ସମୟ ଦେବାକୁ ହେଲେ ଉତ୍ତମ ସ୍ୱାସ୍ଥ୍ୟର ଆବଶ୍ୟକତା ରହିଛି । ତେଣୁ ଗୁରୁଦେବ ରବିଶଙ୍କରଙ୍କ ଆର୍ଟ ଅଫ୍ ଲିଭିଂକୁ ଆପଣାଇ ନେଇ ଏକ ନୀରୋଗ ଜୀବନର ସାଥୀ ହୋଇପାରିଥିଲ ।

ଶୁଣୁଛ ମିନୁ! ଏବେ ବି ବେଳେବେଳେ କିଛି ବୁଝିପାରି ନ ଥିବା ପୁଅ ମୁକୁ ହଠାତ ମୋତେ ପଚାରି ଦେଉଛି ପାପା... ଆଉ... ମାମା ଲୁହ ଭରା ଆଖିରେ ମୁଁ ନିର୍ବାକ ଓ ନିରୁତ୍ତର । ଆଉ ଝିଅ ଗୁଞ୍ଜିମାମାର ଲୁହ ଓ ଦୁଃଖକୁ ବୁଝିବା ପାଇଁ ତ ମୁଁ ଅସମର୍ଥ। ଏବେ ତୁମ ପରି ସେମାନଙ୍କ ଦାୟିତ୍ୱ ନେବା କଥା ଭାବିଲେ ମୁଁ ନିଜ ଭିତରେ ନିଜେ ହାରିଯାଉଛି ମିନୁ । ଏବେ ତୁମ ବ୍ୟତୀତ ବିତୁଥିବା ପ୍ରତିଟି ମୁହୂର୍ତ୍ତ କେତେ ଦୁଃଖଦ ତାକୁ ଶୁଣିବା ପାଇଁ ତୁମ ଭଳି ଅନ୍ତରଙ୍ଗ ମଣିଷ ଏଠି କିଏ ଅଛି ? ତୁମକୁ ସବୁଦିନ ପାଇଁ ଛାଡ଼ି ବାକି ଜୀବନ କେମିତି ବଞ୍ଚିବାକୁ ହେବ, ସେ ହିସାବ ଆମ ପାଖରେ ନାହିଁ । ଆମେ ଏବେ ସେହି ଘରେ ସେହି ପରିବାର ଭିତରେ ଅଛୁ ମିନୁ ଯେଉଁଠି କେବଳ ତୁମେ ନାହଁ ।

ଏମିତି ଗୋଟେ ଅସହାୟ ଜୀବନ ନେଇ ବଞ୍ଚିଲା ବେଳକୁ ଭାବୁଛି, ସତରେ ଏବେ କାହାକୁ ବୁଝାଇବି ମୁଁ, ନିଜକୁ ନା ଜୀବନକୁ ବୁଝିପାରି ନ ଥିବା ପୁଅ ଝିଅଙ୍କୁ । ଏବେ ଯୁଆଡେ ଚାହିଁଲେ, ସିଆଡେ ଆନ୍ଧାର । ଆଉ ସେ ଅନ୍ଧାର ଭିତରେ ତୁମେ ଅଦୃଶ୍ୟ ଦୀପ ଶିଖାଟିଏ, ଯେଉଁ ସ୍ମୃତିର ଆଲୋକ ଟିକିଏକୁ ହୃଦୟ ଭିତରେ ସାଇତି ରଖି ବାକି ଜୀବନକୁ ଅତିକ୍ରମ କରିବା ହିଁ ଆମ ପରିବାରର ନିୟତି ।

ଯେଉଁଠି ଅଛ ଭଲରେ ଥାଅ, ଆମ ଭଲପାଇବା ନେଇ। ଆଉ ଆମେ ଯେଉଁ ଅସହାୟ ଇଲାକାରେ ଜୀବନ ଜୀଇଁ ଚାଲିଛୁ, ତୁମେ ସେଇଠି ଆମ ସାଥେ ସାଥେ ଥାଅ ଅନ୍ତରଙ୍ଗ ଛାଇ ପରି ଚିରକାଳ । ଶେଷରେ ଈଶ୍ୱରଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରିବା ବ୍ୟତୀତ ଆଉ କ'ଣ ଅଛି ଆମ ପାଖରେ ।

**ତୁମ ସ୍ମୃତିରେ ଚିରକାଳ**
**ତୁମର**
**ମାନସ୍ (ମାନସ ରଞ୍ଜନ ପଟ୍ଟନାୟକ)**

# ସୋନପୁର ସରପଞ୍ଚଙ୍କୁ ହତ୍ୟା ଧମକ ଅଭିଯୋଗ

ଦାରିଙ୍ଗବାଡ଼ି,୨୯।୫(ଡି.ଏନ୍.ଏ)

ଦାରିଙ୍ଗବାଡ଼ି ଥାନା ସୋନପୁର ସରପଞ୍ଚ କେଶରସେନ ମୁଠାମାଝୀଙ୍କୁ ହତ୍ୟା ଧମକ ଦିଆଯାଇଥିବା ଶନିବାର ଅଭିଯୋଗ ହୋଇଛି। ସରପଞ୍ଚଙ୍କ ଏତଲାକୁ ଭିତ୍ତି କରି ଦାରିଙ୍ଗବାଡ଼ି ପୋଲିସ ନଂ. ୮୯/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି କୌଶିକ ମାଝୀ କହିଛନ୍ତି ।

ପୋଲିସ ସୂଚନା ଅନୁସାରେ, ଉକ୍ତ ଗ୍ରାମର କିଛି ଲୋକ ଏକ ବୋଲେରୋରେ ଯାଉଥିବା ବେଳେ ସେହି ଗାଁର ଟ୍ରାକ୍ଟରଟି ବୋଲେରୋ ସହ ମୁହାଁମୁହିଁ ହୋଇ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଥିଲା। ଏହାକୁ ନେଇ ଟ୍ରାକ୍ଟର ଚାଳକ ଏବଂ ବୋଲେରୋରେ ବସିଥିବା ଲୋକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଟ୍ରାକ୍ଟରଟି ସୋନପୁର ସରପଞ୍ଚଙ୍କ ପୁଅ ଚଳାଉଥିବାରୁ ବୋଲେରୋରେ ବସିଥିବା ଲୋକ ଏଭଳି ବିପଦପୂର୍ଣ୍ଣ ଭାବେ ଦ୍ରୁତଗତରେ ଗାଡ଼ି ଚଳାଉଥିବା ନେଇ ଅଭିଯୋଗ କରିବାକୁ ସରପଞ୍ଚଙ୍କ ଘରେ ପହଞ୍ଚିଥିଲେ। ସେଠାରେ ସରପଞ୍ଚଙ୍କୁ ହତ୍ୟା ଧମକ ଦେଇଥିବା ନେଇ ସରପଞ୍ଚ ଥାନାରେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ସାହିରେ ବୋଲେରୋକୁ ଗ୍ରାମବାସୀ ଅଟକ ରଖି ଶୁକ୍ରବାର ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ଗାଡ଼ିକୁ ଜବତ କରିଥିଲା। ହତ୍ୟା ଧମକ ଦେଇଥିବା ଲୋକମାନେ ଉକ୍ତ ଅଞ୍ଚଳର ଏବଂ ସେମାନଙ୍କ ମଧ୍ୟରେ ଜଣେ ଶିକ୍ଷକ ଥିବା ଆଇଆଇସି କହିଛନ୍ତି। ତେବେ ପୂର୍ବ ଶତ୍ରୁତାରୁ ଏଭଳି ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି।

# ଦାନସୁରି ଅଂଶୁୟା:ମାଓବାଦୀ କମାଣ୍ଡରରୁ ବିଧାୟିକା

ମାଲକାନଗିରି,୨୯।୫(ଡି.ଏନ.ଏ.)

ଦିନ ଥିଲା ମାଓବାଦୀ ସଙ୍ଗଠନର ସେ ନେତୃତ୍ୱ ନେଉଥିଲେ। ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ହେଉଥିଲେ ସମସ୍ତେ। ଯେକୌଣସି ସ୍ଥାନରେ ପୋଲିସ ଉପରକୁ ଆକ୍ରମଣ ହେଉ ଅବା ହତ୍ୟା ଘଟଣାର ସେ ପ୍ରସ୍ତୁତ କରୁଥିଲେ ନକ୍ସା। ସେ ଥିଲେ ମହିଳା ମାଓବାଦୀଙ୍କ କମାଣ୍ଡର। ଯେଉଁ ହାତ ଦିନେ ବନ୍ଧୁକ ଧରୁଥିଲା, ସେହି ହାତ ଏବେ ଲୋକଙ୍କୁ ନିଃସ୍ୱାର୍ଥପର ସେବା ଯୋଗାଇ ଦେଉଛି। ଅତୀତରେ ମାଓବାଦୀ ଥିବା ଏପରି ଜଣେ ମହିଳା ହେଉଛନ୍ତି ଦାନସୁରି ଅଂଶୁୟା ଓରଫ୍ ସିତକା।

୧୬ ବର୍ଷ ବୟସରୁ ଦାନସୁରି ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ଦୀର୍ଘ ୧୭ ବର୍ଷ କାର୍ଯ୍ୟ କରିଥିଲେ। ସେଠାରେ ୧୦ ବର୍ଷ କମାଣ୍ଡର ରୂପେ କାର୍ଯ୍ୟ କରିଥିଲେ। ତେବେ ଲୋକଙ୍କ ଜୀବନ ନେବା, ସ୍ଥାନୀୟ ଅଞ୍ଚଳର ବିକାଶରେ ବାଧା ସୃଷ୍ଟି କରିବା, ଲୋକଙ୍କୁ ଭୟଭୀତ କରି ରଖିବା ଘଟଣା ତାଙ୍କ ଉପରେ ବେଶ୍ ପ୍ରଭାବ ପକାଇଥିଲା। ଯେଉଁ ଲକ୍ଷ୍ୟ ଆଦର୍ଶ ନେଇ ସେ ମାଓବାଦୀ ସଙ୍ଗଠନରେ ଯୋଗଦେଇଥିଲେ ତାହା ସୁଦୂର ପରାହତ ହୋଇଥିବା ଅନୁଭବ କରି ଶେଷରେ ସେ ମାଓବାଦୀ ସଙ୍ଗଠନ ଛାଡିଲେ। ଲୋକଙ୍କ ସହ ରହି ସେମାନଙ୍କ ସେବା କରିବାକୁ ଚିନ୍ତା କରି ଦାନସୁରି କଂଗ୍ରେସ ଦଳରେ ଯୋଗଦେଇଥିଲେ। ନିର୍ବାଚନ ସମୟରେ ମାଲକାନଗିରି ଜିଲା ସୀମାନ୍ତ ତେଲଙ୍ଗାନା ରାଜ୍ୟ ମୁଲୁକୁଲ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢିଲେ



ଦାନସୁରି ଅଂଶୁୟା

### ଲୋକଙ୍କୁ ସେବା ଯୋଗାଉଛନ୍ତି

ଏବଂ ଜିତିଲେ। ଏବେ ସେ କଂଗ୍ରେସ ବିଧାୟିକା। କରୋନା ମହାମାରୀ ସମୟରେ ଗ୍ରାମ ଗ୍ରାମ ବୁଲି ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରୁଛନ୍ତି। ଗରିବ ରୋଗୀମାନଙ୍କୁ ଡାକ୍ତରଖାନା ନେଇ ତାଙ୍କ ଚିକିତ୍ସା କରାଉଛନ୍ତି। ଅସହାୟ ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। ନିଜ ନିର୍ବାଚନ ମଣ୍ଡଳୀର ଶିକ୍ଷା, ଗମନାଗମନ, ପାନୀୟ ଜଳ ସମସ୍ୟା ଉପରେ ଗୁରୁତ୍ୱ ଦେଇ ଲୋକଙ୍କ ସେବାରେ ଲାଗିଛନ୍ତି ଦାନସୁରି। ଜଣେ ମହିଳା ମାଓବାଦୀ କମାଣ୍ଡରଙ୍କ ଏପରି ପରିବର୍ତ୍ତନ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି।

